# NATIONAL NEWS BULLETIN (ODIA)

**7 August - 2024**

**Mid-Day : 1.50 p.m.**

---

# ମୁଖ୍ୟ ସମ୍ବାଦ

- ତିନି ରାଷ୍ଟ୍ରୀୟ ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ନ୍ୟୁଜିଲାଣ୍ଡର ଅକ୍‌ଲାଣ୍ଡଠାରେ ପହଞ୍ଚିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

- ଭାରତ ନିରନ୍ତର ବିକାଶ ଦିଗରେ ଅଗ୍ରସର ହେଉଛି ।

\- କହିଲେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ ।

- ଦେଶର ଅକ୍ଷୟଶକ୍ତି କ୍ଷମତା ୨୦୩ ଗିଗାୱାଟରେ ପହଞ୍ଚିଛି ବୋଲି ସୂଚନା ଦେଲେ ବିଭାଗୀୟ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ।

- ପ୍ୟାରିସ୍ ଅଲମ୍ପିକ୍ସର ମହିଳା କୁସ୍ତି ପ୍ରତିଯୋଗିତା ଫାଇନାଲ ପର୍ଯ୍ୟାୟ ପୂର୍ବରୁ ଓଜନବୃଦ୍ଧି କାରଣରୁ  ବିନେଶ ଫୋଗତ ଅଯୋଗ୍ୟ ଘୋଷିତ ।

ଏବଂ

- ଭାରତ-ଶ୍ରୀଲଙ୍କା ତୃତୀୟ ଦିନିକିଆ ଆଜି ଖେଳାଯିବ କଲମ୍ବୋର ଆର୍. ପ୍ରେମଦାସା ଷ୍ଟାଡିୟମ୍‌ରେ ।

# ପ୍ରେଜ୍-ନ୍ୟୁଜିଲାଣ୍ଡ

ତିନି ରାଷ୍ଟ୍ରୀୟ ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନ୍ୟୁଜିଲାଣ୍ଡର ଅକ୍‌ଲାଣ୍ଡ ଠାରେ ପହଞ୍ଚିଛନ୍ତି । ସେଠାକାର ଗଭର୍ଣ୍ଣର ଜେନେରାଲ୍ ଦାମେ ସିଣ୍ଡି କାଇରୋଙ୍କ ଆମନ୍ତ୍ରଣ କ୍ରମେ ରାଷ୍ଟ୍ରପତି ସେଠାକୁ ଗସ୍ତରେ ଯାଇଛନ୍ତି । ଏହି ଗସ୍ତ ଅବସରରେ ରାଷ୍ଟ୍ରପତି ମୁର୍ମୁ ନ୍ୟୁଜିଲାଣ୍ଡର ଗଭର୍ଣ୍ଣର ଜେନେରାଲ୍ କାଇରୋ ଏବଂ ପ୍ରଧାନମନ୍ତ୍ରୀ ଖ୍ରୀଷ୍ଟୋଫର୍ ଲୁକ୍‌ସନ୍‌ଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ଆନ୍ତର୍ଜାତିକ ଶିକ୍ଷା ସମ୍ମିଳନୀରେ ଯୋଗଦେବା ସହ ନ୍ୟୁଜିଲାଣ୍ଡରେ ବସବାସ କରୁଥିବା ଭାରତୀୟ ସମୁଦାୟକଙ୍କ ସହ ଭାବବିନିମୟ କରିବେ । ଭାରତ-ନ୍ୟୁଜିଲାଣ୍ଡ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ରାଷ୍ଟ୍ରପତିଙ୍କର ଏହି ଗସ୍ତର ଲକ୍ଷ୍ୟ । ଫିଜିକୁ ଦୁଇଦିନିଆ ଗସ୍ତ ଶେଷ କରି ରାଷ୍ଟ୍ରପତି ନ୍ୟୁଜିଲାଣ୍ଡରେ ପହଞ୍ଚିବେ । ଭାରତର ପ୍ରଥମ ରାଷ୍ଟ୍ରପତି ଭାବେ ଦ୍ରୌପଦୀ ମୁର୍ମୁ ଫିଜିକୁ ଗସ୍ତ କରିଥିଲେ । ସେଠାରେ ସେ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ନେତୃମଣ୍ଡଳୀଙ୍କ ସହ ଆଲୋଚନା କରିଥିଲେ । ନାଦି ସ୍ଥିତ ଶ୍ରୀ ଶିବ ସୁବ୍ରମଣ୍ୟା ମନ୍ଦିର ଦର୍ଶନ ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

ରାଷ୍ଟ୍ରପତି ମୁର୍ମୁଙ୍କୁ ଫିଜିର ସର୍ବୋଚ୍ଚ ବେସାମରିକ ସମ୍ମାନ 'କମ୍ପାନିୟନ୍ ଅଫ୍ ଦି ଅର୍ଡର୍ ଅଫ୍ ଫିଜି' ସମ୍ମାନରେ ସମ୍ମାନିତ କରାଯାଇଥିଲା ।

# ନ୍ୟାସନାଲ୍ ହ୍ୟାଣ୍ଡଲୁମ୍ ଡେ

ଉପରାଷ୍ଟ୍ରପତି ଜଗଦୀପ ଧନଖଡ କହିଛନ୍ତି ଆସନ୍ତା ୨ ବର୍ଷ ମଧ୍ୟରେ ଭାରତ ବିଶ୍ୱର ତୃତୀୟ ଅର୍ଥନୈତିକ ରାଷ୍ଟ୍ର ଭାବେ ପରିଗଣିତ ହେବ । ଦଶମ ଜାତୀୟ ହସ୍ତତନ୍ତ ଦିବସ ପାଳନ ଅବସରରେ ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ଯୋଗଦେଇ ସେ ଏହା କହିଛନ୍ତି । ସେ କହିଛନ୍ତି ଭାରତ ଏବେ ନିରନ୍ତର ବିକାଶ ଦିଗରେ ଅଗ୍ରସର ହେଉଛି । ବୈଦେଶିକ ମୁଦ୍ରାଭଣ୍ଡାର ବୃଦ୍ଧିପାଇବା ସହ ଦେଶରେ ନିଯୁକ୍ତି ସୁଯୋଗ ଏବଂ ଉଦ୍ୟୋଗ କ୍ଷେତ୍ର ବୃଦ୍ଧିପାଇବା ଏ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ବୋଲି ସେ କହିଛନ୍ତି । ଭୋକାଲ ଫର ଲୋକାଲ ଚିନ୍ତାଧାରା ମାଧ୍ୟମରେ ସ୍ଥାନୀୟ ହସ୍ତତନ୍ତ ବଜାର ସମୃଦ୍ଧ ହୋଇପାରିଛି । ହସ୍ତତନ୍ତ ବଜାରକୁ ତ୍ୱରାନ୍ୱିତ କରିବାରେ ସମବାୟ କ୍ଷେତ୍ରଗୁଡିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ କହିଛନ୍ତି । ଏହି ଅବସରରେ ହସ୍ତତନ୍ତ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବୁଣାକାରଙ୍କୁ ସନ୍ଥ କବିର ଓ ଜାତୀୟ ହସ୍ତତନ୍ତ ପୁରସ୍କାର ପ୍ରଦାନ କରିଛନ୍ତି ।

ହସ୍ତତନ୍ତ ମନ୍ତ୍ରୀ ଗିରିରାଜ ସିଂହ କହିଛନ୍ତି ହସ୍ତତନ୍ତ କ୍ଷେତ୍ରରେ ନିରନ୍ତର ବିକାଶ ଘଟୁଛି । ଏହାଦ୍ୱାରା ଗ୍ରାମାଞ୍ଚଳ ନିଯୁକ୍ତି ସୁଯୋଗ ମଧ୍ୟ ବୃଦ୍ଧି ପାଉଛି । ସେ କହିଛନ୍ତି ବିଶ୍ୱ ହସ୍ତତନ୍ତ ବାଣିଜ୍ୟ ବଜାରରେ ଭାରତର ୯୦ ପ୍ରତିଶତ ଅବଦାନ ରହିଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ

କହିଛନ୍ତି ଭାରତର ହସ୍ତତନ୍ତ ପରମ୍ପରା ବହୁ ପୁରାତନ । ଭୋକାଲ ଫର ଲୋକାଲ ଚିନ୍ତାଧାରାକୁ ସମସ୍ତେ ଆପଣେଇବା ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ସମଗ୍ର ଦେଶର ବିଭିନ୍ନ ସ୍ଥାନରେ ଆଜି ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି ।

## ଏଲ୍‌ଏସ୍ - ରିନେବୁଲ ଏନର୍ଜି

ଦେଶର ଅକ୍ଷୟଶକ୍ତି କ୍ଷମତା ୨୦୩ ଗିଗାୱାଟରେ ପହଞ୍ଚିଛି ବୋଲି ବିଭାଗୀୟ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଛନ୍ତି । ଲୋକସଭାର ପ୍ରଶ୍ନକାଳରେ ଆଜି ଏ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ଯୋଶୀ କହିଛନ୍ତି ଆଉ ୧୧୫ ଗିଗାୱାଟ ଅକ୍ଷୟ ଶକ୍ତି କାର୍ଯ୍ୟକାରୀ କରାଯିବା ପାଇଁ ପଦକ୍ଷେପ ନିଆଯାଇଛି । ୨୦୧୪ରେ ଅକ୍ଷୟଶକ୍ତି କ୍ଷମତା ପ୍ରାୟ ୭୬ ଗିଗାୱାଟ ଥିଲା । ଅକ୍ଷୟଶକ୍ତି ଉତ୍ପାଦନ ବୃଦ୍ଧି ପାଇଁ ସରକାରଙ୍କ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଇଛି । ସବୁଜ ଉଦ୍‌ଯାନ ମିଶନ ଏବଂ ଅଫସୋର ପବନଶକ୍ତି ଅନୁସନ୍ଧାନ ଦେଶର ଅକ୍ଷୟ ଶକ୍ତି ଯୋଜନାରେ ନୂତନ ଦିଗନ୍ତ ସୃଷ୍ଟି କରିଛି ବୋଲି ସେ କହିଛନ୍ତି ।

## ସିବିଆଇ-କୋଚିଂ ଡେଥ୍

ଦିଲ୍ଲୀ କୋଚିଂ ସେଣ୍ଟର ବୁଡି ମାମଲାର ତଦନ୍ତ ଭାର ସିବିଆଇ ହାତକୁ ନେଇଛି । ପୂର୍ବତନ ଦିଲ୍ଲୀ ପୁଲିସ ଏହି ଘଟଣାର ତଦନ୍ତ କରୁଥିଲା । ଏହି ଘଟଣାର ତଦନ୍ତ ପାଇଁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ମଧ୍ୟ ଏକ କମିଟି ଗଠନ କରିଛି । ଏହି କମିଟି ମାମଲାର ଅନୁସନ୍ଧାନ, ଦାୟିତ୍ୱ ନିର୍ଦ୍ଧାରଣ କରିବା ସହ ଭବିଷ୍ୟତ ପାଇଁ ନୀତି ପ୍ରସ୍ତୁତ ନିମନ୍ତେ ପ୍ରସ୍ତାବ ଉପସ୍ଥାପନ କରିବ । ସୂଚନାଯୋଗ୍ୟ ପ୍ରବଳ ବର୍ଷାରେ ଦିଲ୍ଲୀର ଏକ କୋଚିଂ ସେଣ୍ଟରର ବେସ୍‌ମେଣ୍ଟରେ ପାଣି ଭର୍ତ୍ତି ହୋଇଯିବାରୁ ୩ଜଣ ଛାତ୍ରଛାତ୍ରୀଙ୍କର ମୃତ୍ୟୁ ହୋଇଥିଲା ।

## ପୁଡୁଚେରୀ-ନିଉ ଏଲ୍‌ଜି

ପୁଡୁଚେରୀର ଉପ ରାଜ୍ୟପାଳ ଭାବେ କେ. କୈଳାସନାଥନ୍ ଆଜି ଶପଥଗ୍ରହଣ କରିଛନ୍ତି । ରାଜଭବନଠାରେ ଅନୁଷ୍ଠିତ ସ୍ୱତନ୍ତ୍ର ସମାରୋହରେ ମାଡ୍ରାସ ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ଡି. କୃଷ୍ଣକୁମାର ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ । ଏହି ସମାରୋହରେ ମୁଖ୍ୟମନ୍ତ୍ରୀ ଏନ୍. ରଙ୍ଗାସ୍ୱାମୀ, ରାଜ୍ୟ କ୍ୟାବିନେଟ୍ ମନ୍ତ୍ରିମଣ୍ଡଳର ସଦସ୍ୟ, ବିଧାୟକ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଉଚ୍ଚପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଟାଗୋର ଡେଥ୍ ଆନିଭର୍ସରୀ

ବିଶିଷ୍ଟ କବି, ଲେଖକ, ଦାର୍ଶନିକ ଏବଂ ସମାଜ ସଂସ୍କାରକ, ଶିକ୍ଷାବତ୍ ତଥା ନୋବେଲ ପୁରସ୍କାର ବିଜେତା ଗୁରୁ ରବୀନ୍ଦ୍ର ନାଥ ଟାଗୋରଙ୍କର ମହାପ୍ରୟାଣ ଦିବସ ଆଜି ସମଗ୍ର ଦେଶରେ ଅତ୍ୟନ୍ତ ଶ୍ରଦ୍ଧାର ସହ ପାଳନ କରାଯାଉଛି । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଗୁରୁଦେବଙ୍କୁ ସ୍ମରଣ କରିଛନ୍ତି । ସେ କହିଛନ୍ତି ତାଙ୍କ ସୃଷ୍ଟି ମାଧ୍ୟମରେ ସେ ଭାରତର ଆତ୍ମସଂସ୍କୃତି, ପରମ୍ପରା ଏବଂ ସଚେତନତା ଦିଗରେ ସମାଜକୁ ପ୍ରେରଣା ଦେବା ସହ ଦେଶବାସୀଙ୍କ ମଧ୍ୟରେ ଆତ୍ମସମ୍ମାନର ଭାବନା ଜାଗ୍ରତ କରିଥିଲେ । ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା କରି ଭାରତୀୟ ଦର୍ଶନକୁ ସମଗ୍ର ବିଶ୍ୱରେ ପରିଚିତ କରାଇଥିଲେ ।

କୋଇଲା ଓ ଖଣି ମନ୍ତ୍ରୀ ଜି. କିଶନ ରେଡ୍ଡୀ, ଖାଉଟୀ ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ମଧ୍ୟ ଗୁରୁଦେବଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି ।

## ୟୁଏସ୍ ଓପି-ଇଡି ଇଣ୍ଡିଆ

ଭବିଷ୍ୟତକୁ ଦୃଷ୍ଟିରେ ରଖି ଭାରତ-ଯୁକ୍ତରାଷ୍ଟ୍ର ଆମେରିକା ବିଭିନ୍ନ କ୍ଷେତ୍ରରେ ମିଳିତ ଭାବେ ପୁଞ୍ଜିନିବେଶ କରୁଛନ୍ତି ବୋଲି ଆମେରିକାର ବୈଦେଶିକ ମନ୍ତ୍ରୀ ଆଣ୍ଟୋନି ବ୍ଲିଙ୍କେନ ଏବଂ ପ୍ରତିରକ୍ଷା ମନ୍ତ୍ରୀ ଲଏଡ ଅଷ୍ଟିନ କହିଛନ୍ତି । ଆମେରିକାର ଏକ ଦୈନିକ ସମ୍ବାଦପତ୍ରରେ ପ୍ରକାଶିତ ଏକ ରିପୋର୍ଟରେ

ଏହି ଦୁଇ ମନ୍ତ୍ରୀ ବାଇଡେନ୍ ପ୍ରଶାସନର ଭାରତ-ପ୍ରଶାନ୍ତମହାସାଗରୀୟ ରଣନୀତିକୁ ଦ୍ୱିପାକ୍ଷିକ ଏବଂ ବିଭିନ୍ନ କ୍ଷେତ୍ରରେ ସମ୍ପର୍କର ଏକ କୌଶଳ ବୋଲି ବର୍ଣ୍ଣନା କରିଛନ୍ତି । କ୍ୱାର୍ଡ ରାଷ୍ଟ୍ର ଗୋଷ୍ଠୀର ସଦସ୍ୟ ଭାବେ ଏହି ଦୁଇ ଦେଶ ପରସ୍ପର ସହ ସହଯୋଗ ଭିତ୍ତିରେ କୃତ୍ରିମ ବୁଦ୍ଧିମତା ଏବଂ ସେମିକଣ୍ଡକ୍ଟର କ୍ଷେତ୍ରରେ ମିଳିତଭାବେ ନିବେଶ କରୁଛନ୍ତି । ସେମାନେ କହିଛନ୍ତି ଭାରତ-ପ୍ରଶାନ୍ତ ମହାସାଗରୀୟ ରଣନୀତିରେ ପରିବର୍ତ୍ତନ ଏବଂ ଏହାର ଫଳାଫଳ ରାଷ୍ଟ୍ରପତି ବାଇଡେନ୍ ଓ ଉପରାଷ୍ଟ୍ରପତି କମଳା ହାରିସ୍ଙ୍କ ଦ୍ୱାରା ନିଆଯାଇଥିବା ବୈଦେଶିକ ନୀତିର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ।

## ମଣିପୁର - କର୍ଫ୍ୟୁ

ବାଂଲାଦେଶ ପଟୁ ସମ୍ଭାବ୍ୟ ବେଆଇନ୍ ଅନୁପ୍ରବେଶକୁ ପ୍ରତିହତ କରିବା ଲାଗି ମଣିପୁର ସରକାର ସୀମାବର୍ତ୍ତୀ ଜିଲ୍ଲା ଫେରଜୋଲ ଏବଂ ଜିରିବାମରେ ରାତ୍ରିକାଳୀନ କର୍ଫ୍ୟୁ ଜାରି କରିଛନ୍ତି । ଉଭୟ ଜିଲ୍ଲାର ଜିଲ୍ଲାପାଳଙ୍କ ପକ୍ଷରୁ ପ୍ରକାଶିତ ନୋଟିସ୍ ଅନୁଯାୟୀ ଅସ୍ତ୍ରଶସ୍ତ୍ର, ଲାଠି, ପଥର ଆଦି ବହନ ଉପରେ କଟକଣା ଜାରି କରାଯାଇଛି । ଜିରିବାମ୍ ଜିଲ୍ଲାରେ ପୌରପରିଷଦ ଓ ବୋରୋବେକରା ଉପଖଣ୍ଡ ଅଧୀନରେ ସକାଳ ୯ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ କର୍ଫ୍ୟୁକୁ କୋହଳ କରାଯାଇଥିଲା ।

## ଏଲ୍‌ଏସ୍-ଆଇଟି

ସୂଚନା ଓ ପ୍ରଯୁକ୍ତି କ୍ଷେତ୍ରରେ ସୁଫଳ ଦେଶର ପ୍ରତ୍ୟେକ ନାଗରିକଙ୍କ ପାଖରେ ପହଞ୍ଚାଇବା ଲକ୍ଷ୍ୟ ନେଇ ସରକାର ଆଇଟି ଶିଳ୍ପକୁ ଟାୟାର-ଟୁ ଏବଂ ଟାୟାର-ଥ୍ରୀ ସହରକୁ ନେବାପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି ବୋଲି ବିଭାଗୀୟ ମନ୍ତ୍ରୀ ଜିତୀନ୍ ପ୍ରସାଦ କହିଛନ୍ତି । ଲୋକସଭାରେ ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି ଦେଶରେ ୬୫ଟି ସଫ୍ଟୱେୟାର ଟେକ୍ନୋଲୋଜି ପାର୍କ ଅଫ୍ ଇଣ୍ଡିଆ ପ୍ରତିଷ୍ଠା କରାଯାଇଛି । ସେଥିମଧ୍ୟରୁ ୫୭ଟି ଟାୟାର-ଟୁ ଏବଂ ଟାୟାର-ଥ୍ରୀ ସହରରେ ରହିଛି । ଦେଶର ଗ୍ରାମାଞ୍ଚଳରେ ଯୋଗାଯୋଗ ବୃଦ୍ଧି ଏବଂ ଆଇଟି ହବ୍ ପ୍ରତିଷ୍ଠା ପାଇଁ ସରକାର ଅଧିକ ପଦକ୍ଷେପ ଗ୍ରହଣ କରିବେ ବୋଲି ସେ ସୂଚନା ଦେଇଛନ୍ତି । ଏ କ୍ଷେତ୍ରରେ ୫୪ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି ବୋଲି ମନ୍ତ୍ରୀ ଶ୍ରୀ ପ୍ରସାଦ କହିଛନ୍ତି ।

## ଅଲମ୍ପିକ୍ସ

ଏଥର ପ୍ୟାରିସ୍ ଅଲମ୍ପିକ୍ସ ସମ୍ପର୍କିତ କିଛି ଖବର ।

ଏକ ଅପ୍ରତ୍ୟାଶିତ ଘଟଣାକ୍ରମରେ ଭାରତର ମହିଳା କୁସ୍ତି ପ୍ରତିଯୋଗୀ ବିନେଶ ଫୋଗଟଙ୍କୁ ଅଲମ୍ପିକ୍ସରୁ ଅଯୋଗ୍ୟ ଘୋଷଣା କରାଯାଇଛି । ଓଜନ ବୃଦ୍ଧି କାରଣ ଯୋଗୁଁ ଫାଇନାଲ ମ୍ୟାଚ୍‌ର ଅବ୍ୟବହିତ

ପୂର୍ବରୁ ତାଙ୍କ ବିରୁଦ୍ଧରେ ଏଭଳି ନିଷ୍ପତ୍ତି ନିଆଯାଇଛି । ୫୦ କିଲୋଗ୍ରାମ ଫ୍ରିଷ୍ଟାଇଲ୍ ବର୍ଗରେ ସେ ଗତକାଲିର ସେମିଫାଇନାଲ ପର୍ଯ୍ୟାୟରେ ଟୋକିଓ ଅଲମ୍ପିକ୍ସ ଚାମ୍ପିୟନ ତଥା ୪ ଥର ବିଶ୍ୱ ଚମ୍ପିଆନ ଜାପାନର ଉଇ ସୁଶାକିଙ୍କୁ ୩-୨ ପଏଣ୍ଟରେ ପରାସ୍ତ କରି ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲେ । ଭାରତୀୟ ଅଲମ୍ପିକ ଆସୋସିଏସନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଗତ ରାତିରେ ତାଙ୍କର ଓଜନ ମପାଯିବା ବେଳେ ୫୦ କିଲୋଗ୍ରାମ୍‌ରୁ ସାମାନ୍ୟ କିଛି ଗ୍ରାମ୍ ଅଧିକ ଥିବା ଜଣାପଡିଥିଲା । ଅଲମ୍ପିକ ଆସୋସିଏସନ ଏନେଇ ବହୁ ଚେଷ୍ଟା କରିବା ସତ୍ତ୍ୱେ ନିଷ୍ପତ୍ତିର କୌଣସି ପରିବର୍ତ୍ତନ ହୋଇନାହିଁ ।

ଅନ୍ୟପକ୍ଷରେ ଟେବୁଲ ଟେନିସ୍ ଟିମ୍ ମନିକା ବାତ୍ରା, ଶ୍ରୀଜା ଅକୁଲା ଏବଂ ଅର୍ଚ୍ଚନା କାମତ ଆଜି ତାଙ୍କର କ୍ୱାର୍ଟର ଫାଇନାଲ ମ୍ୟାଚ୍ ଜର୍ମାନୀ ବିରୁଦ୍ଧରେ ଖେଳିବେ ।

ଜ୍ୟୋଥି ୟାରାଜି ହର୍ଡଲ୍ସରେ, ସର୍ଭେସ୍ ଅନୀଲ କୁଶାରେ ହାଇଜମ୍ପରେ ଓ ଟ୍ରିପଲ ଜମ୍ପରେ ଅବଦୁଲ୍ଲା ନାରାଙ୍ଗୋଲିନ ଟେଭିଡା ଏବଂ ପ୍ରବୀଣ ଚିଥ୍ରାଭେନ୍ ପ୍ରଥମ ପର୍ଯ୍ୟାୟ ପ୍ରତିଯୋଗିତାରେ ଭାଗନେବେ । ୩ ହଜାର ମିଟର ଷ୍ଟିପୁଲ ଚେଜ୍ ଫାଇନାଲରେ ଆସନ୍ତାକାଲି ଅବିନାଶ ସାବ୍‌ଲେ ନିଜର ଦକ୍ଷତା ପ୍ରଦର୍ଶନ କରିବେ ।

# କ୍ରିକେଟ୍

ଭାରତ-ଶ୍ରୀଲଙ୍କା ଚଳିତ ତିନିଟିକିଆ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ପ୍ରତିଯୋଗିତାର ତୃତୀୟ ମ୍ୟାଚ୍ ଆଜି କଲମ୍ବୋର ଆର୍. ପ୍ରେମଦାସା ଷ୍ଟାଡିୟମ୍ ଠାରେ ଖେଳାଯିବ । ଭାରତୀୟ ସମୟ ଅପରାହ୍ଣ ସାଢ଼େ ୨ଟାରୁ ଏହି ମ୍ୟାଚ୍ ଆରମ୍ଭ ହେବ । ଦ୍ୱିତୀୟ ମ୍ୟାଚ୍‌କୁ ଶ୍ରୀଲଙ୍କା ୩୨ରନ୍‌ରେ ଜିତି ସିରିଜ୍‌ରେ ୧-୦ରେ ଆଗୁଆ ରହିଛି । ପ୍ରଥମ ମ୍ୟାଚ୍‌ଟି ଅମିମାଂଶିତ ଭାବେ ଶେଷ ହୋଇଥିଲା । ଆଜିର ମ୍ୟାଚ୍‌କୁ ଜିତି ଶ୍ରୀଲଙ୍କା ୨୭ ବର୍ଷ ପରେ ଭାରତ ବିପକ୍ଷରେ ଦିନିକିଆ ଆନ୍ତର୍ଜାତିକ ସିରିଜ୍ ଜିତିବାର ଆଶା ରଖିଛି । ଅନ୍ୟ ପକ୍ଷରେ ଏହି ମ୍ୟାଚ୍ ବିଜୟୀ ହେଲେ ଭାରତ ଶ୍ରୀଲଙ୍କା ବିପକ୍ଷରେ ଚଳିତ ସିରିଜ୍‌କୁ ଅମିମାଂଶିତ ଭାବେ ଶେଷ କରିବା ସହ ୧୯୯୭ ମସିହା ପରଠାରୁ ଶ୍ରୀଲଙ୍କା ବିପକ୍ଷରେ କୌଣସି ଦିନିକିଆ ସିରିଜ୍‌ରେ ପରାଜିତ ନ ହେବାର ରେକର୍ଡ଼୍‌କୁ ବଜାୟ ରଖିବାକୁ ଚେଷ୍ଟା କରିବ ।